ଶିକ୍ଷା ସହାୟକଙ୍କୁ ବହିଷ୍କାର କରାନଯାଉ

ମୁଖ୍ୟମନ୍ତ୍ରୀଙ୍କୁ ଚିଠିଲେଖି ଦାବି ଜଣାଇଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, (ଆପ୍ର): ୨୦୦୩-୦୪ ବ୍ୟାଚ ଶିକ୍ଷା ସହାୟକ ଆସୋସିଏସନର ସାଧାରଣ ସମ୍ପାଦକ ପି. ଧନେଶ୍ୱର ରାଓଙ୍କ ଦାବି ପତ୍ର ଆଧାରରେ ସେହି ବ୍ୟାଚର ୪୫୪୧ ଶିକ୍ଷା ସହାୟକଙ୍କୁ ଚାକିରୀରୁ ବହିଷ୍କାର ଆଦେଶ ପ୍ରତ୍ୟାହାର ସହ ଚାକିରୀରେ ପୁନଃ ସ୍ଥାପନ କରିବା ଦାବିର ସୁବିଚାର କରିବାକୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି । ଦାବି ପତ୍ର ଆଧାରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ମାର୍ଚ୍ଚ ୨୦୦୩ ମସିହାରେ ୯୫୪୧ ଶିକ୍ଷା ସହାୟକ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା । ଏହି ଆଧାରରେ ୫ହଜାର ଶିକ୍ଷା ସହାୟକଙ୍କ ତାଲିକା ପ୍ରସ୍ତୁତ ହୋଇ ନିଯୁକ୍ତି ଦିଆଯାଇଥିଲା । ମାତ୍ର ଗଣ ଶିକ୍ଷା ବିଭାଗ ତରଫରୁ ସେପ୍ଟେମ୍ବର ୨୦୦୩ରେ ଆଉ ୧୦,୬୮୨ ଶିକ୍ଷକ ନିଯୁକ୍ତି ପାଇଁ ପୂର୍ବ ପରୀକ୍ଷାର ଆବେଦନ ଆଧାରରେ ନିଯୁକ୍ତି ଦେବା ପାଇଁ ଜିଲ୍ଲାପାଳ ମାନଙ୍କୁ କୁହାଯାଇଥିଲା । ଏହି ସଂଖ୍ୟା ପୁରୁଣା ବିଜ୍ଞାପନର ୪୫୪୧ ଖାଲି ପଦବୀ ଓ ୬୧୪୧ ନୂଆ ଖାଲିପଦ ପାଇଁ ଗଣ ଶିକ୍ଷା ବିଭାଗ ତରଫରୁ ଜିଲ୍ଲାପାଳ ମାନଙ୍କୁ ପତ୍ର ଲେଖାଯାଇଥିଲା । ଏହି ଦ୍ୱିତୀୟ ପର୍ଯ୍ୟାୟର ଶିକ୍ଷା ସହାୟକ ନିଯୁକ୍ତିକୁ ମାନ୍ୟବର ହାଇକୋର୍ଟରେ ଚ୍ୟାଲେଂଜ କରାଯିବା ପରେ ହାଇକୋର୍ଟ ମୋଟ ୧୫୬୮୨ ଶିକ୍ଷା ସହାୟକଙ୍କ ଚାକିରୀ ବାତିଲ କରିବା ସହ ନୂତନ ବିଜ୍ଞାପନ ଆଧାରରେ ୧୦୬୮୨ ନୂତନ ଭାବେ ନିଯୁକ୍ତ ଶିକ୍ଷା ସହାୟକଙ୍କୁ ପୁଣି ଥରେ ଚୟନ ପ୍ରକ୍ରିୟାରେ ଭାଗ ନେବାକୁ ସୁଯୋଗ ଦେଇଥିଲେ । ଏଥିରେ ୫୨୯୨ ଶିକ୍ଷା ସହାୟକ କୃତକାର୍ଯ୍ୟ ନ ହେବା କାରଣରୁ ସେମାନଙ୍କୁ ଚାକିରୀରୁ ଅବ୍ୟାହତି ଦିଆ ଯାଇଥିଲା ।

ଶ୍ରୀମନ୍ଦିର ହୁଣ୍ଡି

ଆୟ

୧ ଲକ୍ଷ,୭୯ହଜାର ୨୨୮ ଟଙ୍କା
(୧୪.୧୧.୨୦୧୭)

ଗୋ-ସୁରକ୍ଷା ବାହିନୀର ସମ୍ବର୍ଦ୍ଧନା ସଭା

କଟକ, (ଆପ୍ର): ସୁପ୍ରିମକୋର୍ଟରେ ପ୍ରଧାନ ବିଚାରପତି ପଦ ଅଳଙ୍କୃତ କରିବା ପରେ ଜଷ୍ଟିସ ଦୀପକ ମିଶ୍ରଙ୍କୁ ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ହାଇକୋର୍ଟ ବାର ଏବଂ କଟକର ଅନ୍ୟ ବାର ଗୁଡ଼ିକ ସହିତ ବିଶ୍ୱ ଗୋସୁରକ୍ଷା ବାହାନି ପକ୍ଷରୁ ମଧ୍ୟ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା । ବାହିନୀର ରାଜ୍ୟ ସଭାପତି ଆଇନଜୀବୀ ସୁରେଶ କୁମାର ପଣ୍ଡାଙ୍କ ନେତୃତ୍ୱରେ ଆଇନ ପରାମର୍ଶ ବିଭାଗର ଆଇନଜୀବୀମାନଙ୍କ ଦ୍ୱାରା ଜଷ୍ଟିସ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

କଟକ ତୁଳସୀପୁରସ୍ଥିତ ଫାମିଲୀ ୱେଲଫେୟାର ସେଣ୍ଟର ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ

ସ୍ୱାଇସ୍ ଜେଟ୍‌ର ଜରୁରୀ ଅବତରଣ

ଭୁବନେଶ୍ୱର, (ଆପ୍ର): ଯାତ୍ରୀଙ୍କ ଅସୁସ୍ଥତା ପାଇଁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ମଙ୍ଗଳବାର ଏକ ବିମାନ ଜରୁରୀ ଅବତରଣ କରିଥିଲା । ଚେନ୍ନାଇରୁ ବାଗଡୋଗ୍ରା ଯାଉଥିବା ସ୍ୱାଇସ୍ ଜେଟ୍ ୬୨୩ ବିମାନରେ ଜଣେ ଯାତ୍ରୀଙ୍କ ଆକସ୍ମିକ ଭାବରେ ସ୍ୱାସ୍ଥ୍ୟ ଖରାପ ହେବାରୁ ଭୁବନେଶ୍ୱରରେ ଅପରାହ୍ନ ୧୨ଟା ୨୬ରେ ଜରୁରୀ ଅବତରଣ କରାଯାଇଥିଲା । ବିମାନରେ ଥିବା ଯାତ୍ରୀ ଏନ.ଦାସ(୬୪) ଅସୁସ୍ଥ ହୋଇ ପଡ଼ିଥିଲେ । ବିମାନ ଅବତରଣ ପରେ ତାଙ୍କୁ ବିମାନବନ୍ଦରରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିଲା ।

ପୁଣି ଦରମାବୃଦ୍ଧି ଦାବି ଉଠାଇଲା ଗୃହରକ୍ଷୀ ମହାସଂଘ

ଭୁବନେଶ୍ୱର, (ଆପ୍ର): ଦରମା ବୃଦ୍ଧି ସହ ଚାକିରୀ ସର୍ତ୍ତାବଳୀ ନିରୂପଣ କରିବାକୁ ରାଜ୍ୟ ଗୃହରକ୍ଷୀ ମହାସଂଘ ଦାବି କରିଛି । ଦାବୀ ପୂରଣ ନ ହେବା ପର୍ଯ୍ୟନ୍ତ କ୍ରମାଗତ ଆନ୍ଦୋଳନ ଜାରି ରଖିବେ ଏପରିକି ଆବଶ୍ୟକ ପଡିଲେ ସବୁ ଗୃହରକ୍ଷୀ ଜେଲ୍ ଯିବାକୁ ପ୍ରସ୍ତୁତ ହେବେ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ରାଜ୍ୟର ଗୃହରକ୍ଷୀମାନଙ୍କର ଦରମାବୃଦ୍ଧି ପ୍ରସଙ୍ଗ ଯେତିକି ଗୁରୁତ୍ୱପୂର୍ଣ୍ଣ ଏହାଠାରୁ ଅଧିକ ସମସ୍ୟା ହୋଇଛି, ସେମାନଙ୍କର ଚାକିରୀ ସର୍ତ୍ତାବଳୀ ପ୍ରଣୟନ କରିବାରେ ସରକାରଙ୍କ ଉଦାସୀନତା ବୋଲି ରାଜ୍ୟ ଗୃହରକ୍ଷୀ ମହାସଂଘ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସଂଘର ସଭାପତି ଉପେନ୍ଦ୍ର ମହାପାତ୍ର ଜଣାଇଛନ୍ତି । ୧୯୬୧ ମସିହା ହୋମଗାର୍ଡ ଆଇନର ବ୍ୟାପକ ସଂଶୋଧନ ଉପରେ ଗଠିତ ହୋଇଥିବା ଗୃହକମିଟି ସକରାତ୍ମକ ମତ ଦେଇଥିଲେ ମଧ୍ୟ ଏହାକୁ ଲାଗୁ କରିବା କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି । ୧୭ ହଜାରରୁ ଊର୍ଦ୍ଧ୍ୱ ହୋମଗାର୍ଡମାନଙ୍କର ଦୀର୍ଘକାଳୀନ ବାସ୍ତବକ୍ଷେତ୍ର ଅନୁଭୂତିକୁ ବିଚାରକୁ ନେଇ ଆବଶ୍ୟକସ୍ଥଳେ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ହାବିଲଦାର କିମ୍ବା କନେଷ୍ଟବଳ ଅଥବା ତତ୍ତୁଲ୍ୟ କିମ୍ବା ତା ଠାରୁ ଊର୍ଦ୍ଧ୍ୱ ପଦପଦବୀରେ ସେମାନଙ୍କୁ ଅବସ୍ଥାପିତ କରାଗଲେ ପୋଲିସ୍ ବିଭାଗର ସୃଷ୍ଟି ହୋଇଥିବା କର୍ମଚାରୀ ଶୂନ୍ୟତା ଜନିତ ଅସୁବିଧାକୁ ତୁରନ୍ତ ଦୂର କରାଯାଇପାରନ୍ତା । ଗୃହବିଭାଗରେ ପୋଲିସ୍ କର୍ମଚାରୀଙ୍କ ଘୋର ଅଭାବ ରହିଛି ବୋଲି ସରକାର ନିଜେ ସ୍ୱୀକାର କରିଛନ୍ତି । ସାଧାରଣ ମଣିଷର ମାନ ମର୍ଯ୍ୟାଦା ମଧ୍ୟ ଗୃହରକ୍ଷୀଙ୍କୁ ମିଳୁନାହିଁ, ସରକାରଙ୍କ ଏହି ଆଇନତଃ ଅବହେଳାକୁ ମହାସଂଘର ଆଇନ ପରାମର୍ଶଦାତା ଜ୍ଞାନେନ୍ଦ୍ର କୁମାର ତ୍ରିପାଠୀ ଘୋର ନିନ୍ଦା କରିଛନ୍ତି ।

ସମବାୟ ସପ୍ତାହ ପାଳିତ

କଟକ,(ଆପ୍ର): ସ୍ଥାନୀୟ ବାଲୁବଜାରସ୍ଥିତ କାର୍ଯ୍ୟାଳୟଠାରେ ୬୪ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଓଡ଼ିଶା ସମବାୟ ସୁରକ୍ଷା ପକ୍ଷରୁ ସଂଘର ଉପଦେଷ୍ଟା ସଭ୍ୟ କ୍ଷେତ୍ରମୋହନ ତେୱାରୀ ସମବାୟ ପତାକା ଉତ୍ତୋଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଘର କୋଷାଧ୍ୟକ୍ଷ ମନୋରଂଜନ ମହାପାତ୍ର, ସଭ୍ୟ ଅଜିତ ମହାପାତ୍ର, ସୁରେନ୍ଦ୍ର ନାଥ, ମନୋଜ ଦୃଷ୍ଟି ସରୋଜ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଏଥିସହ ସ୍ଥାନୀୟ ତିନିକୋଣିଆ ବଗିଚାସ୍ଥିତ ମାତୃମଂଗଳ ପରିସରରେ ସମବାୟ ଆନ୍ଦୋଳନର ମୁଖ୍ୟ ପୁରୋଧା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ଓ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମ ବାର୍ଷିକୀ ଅବସରରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା ବୋଲି ସଂଘର ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ସାହୁ ଜଣାଇଛନ୍ତି ।

୬୧ ଏସ୍‌ଟି ଯନ୍ତ୍ରୀ ଚାକିରି ପାଇବେ

ଭୁବନେଶ୍ୱର,(ଓଆ) ସରକାରୀ କଳର ପାତରଅନ୍ତର ନୀତି ଯୋଗୁ କନିଷ୍ଠ ଯନ୍ତ୍ରୀ ଚାକିରିରୁ ବଞ୍ଚିତ ହୋଇଥିବା ଅନୁସୂଚିତ ଜନଜାତି(ଏସ୍‌ଟି) ବର୍ଗର ୬୧ ଜଣ ପ୍ରାର୍ଥୀଙ୍କ ଲାଗି ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ (ସ୍ୟାଟ) ଆଶା ସଞ୍ଚାର କରିଛନ୍ତି । ଏହି ବର୍ଗର ଦୁଇ ଜଣ ବଞ୍ଚିତ ପ୍ରାର୍ଥୀଙ୍କ ପକ୍ଷରୁ ରୁଜୁ କରାଯାଇଥିବା ମାମଲାରେ ସ୍ୟାଟ୍‌ର ଏକ ଖଣ୍ଡପୀଠ ଦେଇଥିବା ଗୁରୁତ୍ୱପୂର୍ଣ୍ଣ ରାୟରୁ ଏହା ଜଣାପଡ଼ିଛି । ମାମଲାର ବିବରଣୀରୁ ପ୍ରକାଶ ଯେ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି ଲାଗି ରାଜ୍ୟ ସରକାର ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରିବା ପରେ ପ୍ରଶାସନିକ ସ୍ୱାର୍ଥ ଦୃଷ୍ଟିରୁ ଉକ୍ତ ଆଇନ୍‌କୁ କୋହଳ କରି ୨୦୧୪ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ପ୍ୟାନେଲ୍‌ରୁ ଯନ୍ତ୍ରୀ ନିଯୁକ୍ତି ଲାଗି ବିଜ୍ଞପ୍ତି ଜାରି କରିଥିଲେ । ତଦନୁଯାୟୀ ବିଭିନ୍ନ ବିଭାଗ ପ୍ୟାନେଲ୍‌ରୁ ନାମ ପଠାଇବାକୁ ଅନୁରୋଧ ଜଣାଇଥିଲେ । ଜଳସେଚନ ବିଭାଗର ସର୍ବୋଚ୍ଚ ମୁଖ୍ୟ ଯନ୍ତ୍ରୀ ଏହି କ୍ରମରେ ୩୧୪ ଜଣ ପ୍ରାର୍ଥୀଙ୍କ ନାମ ପ୍ୟାନେଲ୍‌ରୁ ପଠାଇବାକୁ କହିଥିଲେ । ଏଥିମଧ୍ୟରୁ ୧୬୫ଟି ଏସ୍‌ଟି ବର୍ଗ ପାଇଁ ସଂରକ୍ଷିତ ଥିଲା କାରଣ ପୂର୍ବରୁ ଏହି ବର୍ଗଙ୍କର ୧୨୬ଟି ପଦବୀ ବର୍ଷ ବର୍ଷ ଧରି ଖାଲି ପଡ଼ିଥିଲା । ତେବେ କର୍ତ୍ତୃପକ୍ଷ ୧୦୮ ଜଣ ଏସ୍‌ଟି ପ୍ରାର୍ଥୀଙ୍କ ସମେତ ମୋଟ ୨୫୭ ଜଣଙ୍କ ନାମ ଜଳ ସମ୍ପଦ ବିଭାଗକୁ ପଠାଇଥିଲେ । ଆଇନଗତ ବ୍ୟବସ୍ଥା ଅନୁଯାୟୀ ଆଗରୁ ଖାଲି ପଡ଼ିଥିବା 'ବ୍ୟାକଲଗ୍ ଭାକାନ୍ସି' ଆଗେ ପୂରଣ ହେବା କଥା । କିନ୍ତୁ ତାହା ନ କରି ଅନ୍ୟ ବର୍ଗର ପ୍ରାୟ ସମସ୍ତ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଇଥିଲେ ମଧ୍ୟ ମୋଟେ ୪୭ ଜଣ ଏସ୍‌ଟି ପ୍ରାର୍ଥୀଙ୍କୁ କର୍ତ୍ତୃପକ୍ଷ ଚାକିରି ଦେଇ ଅନ୍ୟମାନଙ୍କୁ ଝୁଲାଇ ରଖିଥିଲେ ।

ଶିଖରପୁରଠାରେ ଗ୍ୟାସଫାଟି ଦୋକାନ ଜଳିଯିବା ପରେ ଚାଲିଛି ନିଆଁଲିଭା କାର୍ଯ୍ୟ

ଭୁବନେଶ୍ୱରସ୍ଥିତ ଟିଏଏଫ୍‌ଏଲ୍ ଇଣ୍ଟରନ୍ୟାସନାଲ ପ୍ରି-ସ୍କୁଲରେ ଆୟୋଜିତ କୌତୁକ ପୋଷାକ ପ୍ରଦର୍ଶନୀରେ ବାପୁଙ୍କ ବେଶରେ ସଜ୍ଜିତ ହୋଇଛନ୍ତି ଛାତ୍ର ବାଲାଜୀ ବିଶ୍ୱାଳ

ମୁଖ୍ୟମନ୍ତ୍ରୀଙ୍କ ମନରକଥା ଶୁଣିଲେ ଛାତ୍ରଛାତ୍ରୀ

ଭୁବନେଶ୍ୱର, (ଆ.ପ୍ର) : ମମ୍‌ତାଜ ସ୍କୁଲ ପରିସରରେ ମୁଖ୍ୟମନ୍ତ୍ରୀଙ୍କ ମନର କଥା ଶୁଣିବା ସହ ନିଆରା ଢଙ୍ଗରେ ଶିଶୁ ଦିବସ ପାଳିଛନ୍ତି ପିଲାମାନେ । ଏଥିପାଇଁ ସ୍କୁଲ ପରିସରରେ ଏଲ୍‌ଇଡିର ବ୍ୟବସ୍ଥା କରାଯାଇଥିଲା । ସ୍ଥାନୀୟ କର୍ପୋରେଟର ନବକିଶୋର ବେହେରା ଅତିଥିଭାବେ ଯୋଗଦେଇ ପିଲାମାନଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ଶୁଣିବା ସହ ମୁଖ୍ୟମନ୍ତ୍ରୀ ଦେଇଥିବା ୩ ଟି ମନ୍ତ୍ରକୁ ଜିବନରେ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ପିଲାମାନଙ୍କ ମଧ୍ୟରେ କୌତୁକ ପୋଷାକ ପତିଯୋଗିତା ସହ ଚକୋଲେଟ ବଣ୍ଟନ କରାଯାଇଥିଲା । ଶିକ୍ଷାବିତ ଶ୍ୱେତକୁମାର ଘଡେଇ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ପ୍ରଧାନ ଶିକ୍ଷୟତ୍ରୀ କାଦମ୍ବନୀ ଦାସ ଏବଂ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ । ଏହିଭଳି କସ୍ତୁରବା ଶିକ୍ଷାଶ୍ରମ ପକ୍ଷରୁ ଆୟୋଜିତ ଶିଶୁ ଦିବସରେ ପିଲାମାନେ ଏକାଠି ଟିଭିରେ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ଶୁଣିଥିଲେ । ଏଠାରେ ମଧ୍ୟ କର୍ପୋରେଟର ଶ୍ରୀ ବେହେରା ମୁଖ୍ୟ ଅତିଥି, ସିପ୍ରା ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବା ବେଳେ ସମ୍ପାଦକ କାହ୍ନୁଚରଣ ମହାକୁଡ, ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋତ୍ସ୍ନାରାଣୀ ନନ୍ଦ ଉପସ୍ଥିତ ଥିଲେ । ଉପ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ପଣ୍ଡା ସଭା ପରିଚାଳନା କରିଥିବାବେଳେ ନୃସିଂହ ଚରଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

ବସ୍ତିରେ ପୋଷାକ ବଣ୍ଟନ

ଭୁବନେଶ୍ୱର, (ଆ.ପ୍ର) : ଶିଶୁ ଦିବସରେ କୋମଳମତି ଶିଶୁଙ୍କ ମୁହଁରେ ହସ ଫୁଟାଇବା ପାଇଁ ସେମାନଙ୍କୁ ନୂଆ ପୋଷାକ ଓ ଚକୋଲେଟରେ ଆପ୍ୟାୟିତ କରିବାର ଅବସର ଦେଖିବାକୁ ମିଳିଥିଲା ନୂଆପଲ୍ଲିସ୍ଥିତ ଜଗନ୍ନାଥ ବସ୍ତିରେ । ସ୍ଥାନୀୟ କର୍ପୋରେଟର ନବକିଶୋର ବେହେରାଙ୍କ ପତ୍ୟେକ୍ଷ ତତ୍ତ୍ୱାବଧାନ ଓ ପୃଷ୍ଠପୋଷକତାରେ ଏହି ପୋଷାକ ବସ୍ତିର ସମସ୍ତ ପିଲାଙ୍କୁ ବଣ୍ଟା ଯାଇଥିଲା । ସ୍କୁଲ ପୋଷାକ ସମେତ ଟି ସାର୍ଟ ପ୍ରଦାନ କରାଯାଇଥିଲା । ନୂଆପଲ୍ଲି ଥାନା ଭାରପ୍ରାପ୍ତ ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ କାର୍ଯ୍ୟରେ ସହଯୋଗ କରିଥିଲେ । ଏହି ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଜଗନ୍ନାଥ ବସ୍ତିର ସଭାନେତ୍ରୀ ଅହଲ୍ୟା ଦିଗାଲ, ସବିତା ପାତ୍ର, ଅଙ୍ଗନୱାଡି ଦିଦି, ସହାୟିକା, ଆଶାଦିଦିଙ୍କ ସମେତ ଅନେକ ବସ୍ତି ବାସିନ୍ଦା ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଷ୍ଣୁ, ସନ୍ତୋଷ, ଧନୁଆ, ଚନ୍ଦ୍ର, ସଦାଶିବ, ମୁନ୍ନ, ସର୍ବେଶ୍ୱର, ପ୍ରଶାନ୍ତ, କାହ୍ନା, ଦେବୁନା, ଗୌରା ପ୍ରମୁଖ ସାମିଲ ହୋଇ ପୋଷାକ ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ପ୍ରେମୀଯୁଗଳଙ୍କ ଅଶ୍ଳୀଳ ଦୃଶ୍ୟ ଭାଇରାଲ

ଭୁବନେଶ୍ୱର,(ଆପ୍ର): ଏବେ ପୁଣି ପ୍ରେମୀ ଯୁଗଳଙ୍କ ଅଶ୍ଳୀଳ ଦୃଶ୍ୟ ଭାଇରାଲ ହୋଇଛି । ଏହି ଘଟଣାଟି ଘଟିଛି ଖଣ୍ଡଗିରି ଥାନା ଅନ୍ତର୍ଗତ ଜୟଦେବ ବାଟିକା ନିକଟରେ । ସେଠାରେ ପ୍ରେମୀ ଯୁଗଳ ଏକ ନିଛାଟିଆସ୍ଥାନରେ ବସିଥିବାବେଳେ ୩ ଜଣ ଇଂଜିନିୟରିଂ ଛାତ୍ର ସେମାନଙ୍କୁ କାବୁ କରି ଏବଂ ତାଙ୍କୁ ଉଲଗ୍ନ କରି ତାଙ୍କର ଅଶ୍ଳୀଳଫଟୋ ଉଠାଇଥିଲେ । ଏହାପରେ କିଛି ଲୋକ ସେଠାକୁ ଆସିବାରୁ ସଂପୃକ୍ତ ଇଂଜିନିୟରିଂ ଛାତ୍ରମାନେ ସେଠାରୁ ଦୌଡି ପଳାଇଥିଲେ ।। ଏହାର କିଛି ସମୟ ପରେ ସେହି ଅଶ୍ଳୀଳ ଫଟୋ ଏ ମୋବାଇଲରୁ ସେ ମୋବାଇଲକୁ ଘୁରି ବୁଲୁଥିବା ଦେଖିବାକୁ ମିଳିଛି ।

ଏସିଇ ଷ୍ଟୋନ୍ କ୍ରାଫ୍ଟ ଲିମିଟେଡ୍

[illegible] contactus@acestonecraft.com [illegible]

(ଟଙ୍କା ଲକ୍ଷରେ)

[illegible]

AXIS BANK

AXIS Bank Ltd.
AC Market, 4th Floor, 1 Shakeshpeare Sarani, Kolkata-700071

ସୁନା ଅଳଙ୍କାର ବିଶିଷ୍ଟ ସଂକଳିତ ସମ୍ପତ୍ତିର ନିଲାମ ପାଇଁ ସାର୍ବଜନୀନ ନୋଟିସ୍

[illegible]

ଟେଣ୍ଡରର ନିୟମ ଓ ସର୍ତ୍ତାବଳୀ

[illegible]

ତାରିଖ: ୧୫.୧୧.୨୦୧୭ ସ୍ଥାନ: କୋଲକାତା

ପ୍ରାଧିକୃତ ଅଧିକାରୀ, ଆକ୍ସିସ୍ ବ୍ୟାଙ୍କ ଲିମିଟେଡ୍